# NATIONAL NEWS BULLETIN (ODIA)

**3 March - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତ ନିଜର ସୁଦୃଢ଼ ଅର୍ଥବ୍ୟବସ୍ଥା ଦ୍ୱାରା ବିଶ୍ୱ ପାଇଁ ଆଶାର ଆଲୋକବର୍ତ୍ତିକା ସାଜିଛି, କହିଲେ ପ୍ରଧାନମନ୍ତ୍ରୀ

- ଇରାନ ଏବଂ ଇସ୍ରାଏଲ୍-ଆମେରିକା ମିଳିତ ବାହିନୀର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ ଯୋଗୁଁ ପଶ୍ଚିମ ଏସିଆରେ ସଂଘର୍ଷ ତୀବ୍ର

- ବିଶ୍ୱର ପ୍ରଥମ ମହିଳା ଭାବେ ଜାତିସଂଘ ସୁରକ୍ଷା ପରିଷଦ ବୈଠକରେ ଅଧ୍ୟକ୍ଷତା କଲେ ମେଲାନିଆ ଟ୍ରମ୍ପ

- ସିଏଏ ଅଧୀନରେ ଭାରତୀୟ ନାଗରିକତ୍ୱ ଆବେଦନ ଉପରେ ନିଷ୍ପତ୍ତି ନେବାକୁ ପଶ୍ଚିମବଙ୍ଗରେ ଆଉ ୨ଟି କମିଟି ଗଠନ କଲେ କେନ୍ଦ୍ର ସରକାର

ଏବଂ

- ଆଜି ପାଳନ କରାଯାଉଛି ବିଶ୍ୱ ବନ୍ୟଜନ୍ତୁ ଦିବସ

–ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ଭାରତ ବିଶ୍ୱରେ ଅଗ୍ରଣୀ ଭୂମିକା ନେଇଛି, କହିଲେ ଉପରାଷ୍ଟ୍ରପତି

# ପିଏମ୍ - ଓ୍ୱେବିନାର୍

ଭାରତ ନିଜର ସୁଦୃଢ଼ ଅର୍ଥ ବ୍ୟବସ୍ଥା ଦ୍ୱାରା ବିଶ୍ୱ ପାଇଁ ଆଶାର ଆଲୋକବର୍ତ୍ତିକା ସାଜିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ "ଅର୍ଥନୈତିକ ଅଭିବୃଦ୍ଧି ବଜାୟ ରଖିବା ଏବଂ ସୁଦୃଢ଼ କରିବା" ଶୀର୍ଷକ ବଜେଟ୍ ପରବର୍ତ୍ତୀ ଓ୍ୱେବିନାରକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ବିଶ୍ୱ ଆଜି ବିଶ୍ୱସନୀୟ ଏବଂ ପ୍ରତିରୋଧୀ ଉତ୍ପାଦନର ଅଂଶୀଦାର ଖୋଜୁଛି । ଏହି କ୍ଷେତ୍ରରେ ଭାରତ ପାଖରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାର ସୁଯୋଗ ରହିଛି । ଭାରତର ଦ୍ରୁତ ଅର୍ଥନୈତିକ ବିକାଶ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାର ଆଧାରଶୀଳା ପାଲଟିଛି ।

**V/O (PM-QUALITY)**

ଗବେଷଣା ଏବଂ ବିକାଶ କ୍ଷେତ୍ରରେ ପୁଞ୍ଜି ନିବେଶ ବୃଦ୍ଧି କରିବା ଏବଂ ଗୁଣବତ୍ତା ଉପରେ ଗୁରୁତ୍ୱ ଦେବା ଲାଗି ପ୍ରଧାନମନ୍ତ୍ରୀ ଏହି ଅବସରରେ ଶିଳ୍ପଜଗତକୁ ଆହ୍ୱାନ ଦେଇଥିଲେ । ଶ୍ରୀ ମୋଦୀ କହିଥିଲେ, ତୃଣମୂଳ ସ୍ତରରେ ପରିବର୍ତ୍ତନ ଆଣିବା ପାଇଁ ଶିଳ୍ପ, ଆର୍ଥିକ ସଂସ୍ଥା ଏବଂ ରାଜ୍ୟ ସରକାରମାନେ ଏହାକୁ ବାସ୍ତବ ରୂପ ଦେବା ଲାଗି ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତକୁ ଜୈବବିଜ୍ଞାନ ଏବଂ ପରବର୍ତ୍ତୀ ପିଢ଼ିର ଚିକିତ୍ସା ପାଇଁ ଏକ ବିଶ୍ୱସ୍ତରୀୟ କେନ୍ଦ୍ର ଭାବେ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ  ବଜେଟ୍‌ରେ ବାୟୋଫାର୍ମା ଶକ୍ତିମିଶନ ପାଇଁ ବ୍ୟବସ୍ଥା

ରହିଛି । ଏହି ମିଶନ ଉନ୍ନତ ବାୟୋଫାର୍ମା ଗବେଷଣା ଏବଂ ଉତ୍ପାଦନ କ୍ଷେତ୍ରରେ ଦେଶକୁ ଅଗ୍ରଣୀ ସ୍ଥାନରେ ପହଞ୍ଚାଇବାକୁ ଚାହୁଁଛି ।

**V/O (PM- BIO FARMA)**

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜି ବିଶ୍ୱ ଅର୍ଥ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଘଟୁଛି । ବଜାର ଆଉ କେବଳ ମୂଲ୍ୟ ଉପରେ ନୁହେଁ, ସ୍ଥିରତା ଉପରେ ଗୁରୁତ୍ୱ ଦେଉଛି । ଯେଉଁ ଶିଳ୍ପଗୁଡ଼ିକ ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟାରେ ଶୀଘ୍ର ବିନିଯୋଗ କରନ୍ତି, ସେମାନେ ଆଗାମୀ ବର୍ଷ ଗୁଡ଼ିକରେ ଉଦୀୟମାନ ବଜାରକୁ ସହଜ ପ୍ରବେଶ କରିପାରିବେ । ଏମ୍ଏସ୍ଏମ୍ଇ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ସଂସ୍କାର ବ୍ୟାପକ ପ୍ରଭାବ ଦେଖାଉଛି । ଲଜିଷ୍ଟିକ୍ ଖର୍ଚ୍ଚ ହ୍ରାସ କରିବା ଲାଗି ଉଚ୍ଚକ୍ଷମତାସପନ୍ନ ପରିବହନ ବ୍ୟବସ୍ଥାର ବିକାଶ, ରେଳପଥ, ରାଜପଥ, ବନ୍ଦର, ବିମାନବନ୍ଦର ଏବଂ ଜଳପଥ ମଧ୍ୟରେ ଉତ୍ତମ ସମନ୍ୱୟ ଏବଂ ବହୁମୁଖୀ ଯୋଗାଯୋଗ ବ୍ୟବସ୍ଥାର ସଂପ୍ରସାରଣ ଏକାନ୍ତ ଆବଶ୍ୟକ ।

**V/O (PM-Economy)**

# ଓ୍ୱେଷ୍ଟଏସିଆ କନ୍ଫ୍ଲିକ୍ଟ

ଇରାନ ଏବଂ ଇସ୍ରାଏଲ୍-ଆମେରିକା ମିଳିତ ବାହିନୀ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ ଆରମ୍ଭ କରିବା ପରେ ପଶ୍ଚିମ ଏସିଆରେ ସଂଘର୍ଷ ତୀବ୍ର ହୋଇଛି । ସଦ୍ୟତମ ରିପୋର୍ଟ ଅନୁଯାୟୀ, ଇସ୍ରାଏଲ୍ ବର୍ତ୍ତମାନ ତେହରାନ୍ ଓ ବେରୁଟ୍‌ରେ ସାମରିକ ଘାଟି ଉପରେ ଏକକାଳୀନ ଲକ୍ଷ୍ୟଭେଦ କରୁଛି । ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ-ଆଇଡିଏଫ୍ କହିଛି ଯେ, ଏହାର

ସୈନିକମାନେ ଦକ୍ଷିଣ ଲେବାନନ୍‌ରେ ମୁତୟନ ଅଛନ୍ତି ଏବଂ ସୀମା ଅଞ୍ଚଳ ନିକଟରେ ଅନେକ ସ୍ଥାନରେ ଯୁଦ୍ଧାମୁଦ୍ରାରେ ପ୍ରସ୍ତୁତ ହୋଇ ରହିଛନ୍ତି । ଇସ୍ରାଏଲ୍ ହିଜବୁଲ୍ଲାର ଭିତ୍ତିଭୂମିକୁ ଟାର୍ଗେଟ କରି ଏୟାରଷ୍ଟ୍ରାଇକ୍ କରୁଛି। ହିଜିବୁଲ୍ଲା ଇରାନୀ ଶାସନ ତରଫରୁ ଇସ୍ରାଏଲ୍ ଉପରେ ଆକ୍ରମଣ କରିଥିବାରୁ ଏହି ପଦକ୍ଷେପ ନିଆଯାଇଥିବା ଆଇଡିଏଫ୍ କହିଛି ।

ଇସ୍ରାଏଲ୍‌ର ଆକ୍ରମଣରେ ବେରୁଟ୍‌ରେ ପାଲେଷ୍ଟାଇନ୍ ଇସ୍ଲାମିକ୍ ଜିହାଦ-ପିଆଇଜେ ର କମାଣ୍ଡର ଅବୁ ହମ୍‌ଜା ରାମୀ ନିହତ ହୋଇଛନ୍ତି । ଅନ୍ୟ ଏକ ଆକ୍ରମଣରେ ହିଜିବୁଲ୍ଲାର ଗୁଇନ୍ଦା ମୁଖ୍ୟାଳୟର ମୁଖ୍ୟ ହୁସେନ ମକ୍ଲେଦଙ୍କୁ ମଧ୍ୟ ଇସ୍ରାଏଲ୍ ସେନା ବେରୁଟରେ ହତ୍ୟା କରିଛି ।

ଯୁକ୍ତରାଷ୍ଟ୍ର ଆମେରିକାର କେନ୍ଦ୍ରୀୟ କମାଣ୍ଡ କହିଛି ଯେ ଆମେରିକା ସେନା ନିରନ୍ତର ଅପରେସନ୍ ସମୟରେ ଇସ୍‌ଲାମିକ୍ ରିଭଲ୍ୟୁସନାରୀ ଗାର୍ଡ କର୍ପ୍‌ସ-ଆଇଆରସିଜି କମାଣ୍ଡ ଏବଂ କଣ୍ଟ୍ରୋଲ୍ ସୁବିଧା, ଇରାନୀୟ ବାୟୁ ପ୍ରତିରକ୍ଷା କ୍ଷମତା, କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଲଞ୍ଚ ସାଇଡ୍ ଏବଂ ସାମରିକ ଏୟାରଫିଲ୍ଡକୁ ନଷ୍ଟ କରିଦେଇଛି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେଣ୍ଟ୍‌କମ୍ କହିଛି ଯେ ଇରାନ ଶାସନ ଦ୍ୱାରା ସୃଷ୍ଟି ହୋଇଥିବା ଆସନ୍ନ ବିପଦ ବିରୋଧରେ ଆମେରିକା ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଏପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟାନୁଷ୍ଠାନରେ ୬ ଜଣ ଆମେରିକୀୟ ସେବା ସଦସ୍ୟ ନିହତ ହୋଇଥିବା ସେଣ୍ଟ୍‌କମ୍ ସ୍ୱୀକାର କରିଛି ।

ଅନ୍ୟପକ୍ଷରେ ଇରାନର ସରକାରୀ ଗଣମାଧ୍ୟମ କହିଛି ଯେ ବାହାରିନ୍‌ରେ ଆମେରିକାର ଏକ ବାୟୁସେନା ଘାଟିରେ ଗୋଟିଏ କମାଣ୍ଡ ବିଲ୍‌ଡିଂକୁ ନଷ୍ଟ କରିଦିଆଯାଇଛି । ଆମେରିକାରେ ଅବସ୍ଥାପିତ ବାହାରିନ୍‌ର ରାଷ୍ଟ୍ରଦୂତ

ଅବଦୁଲ୍ଲା ବିନ୍ ରସିଦ୍ ବିନ୍ ଅବଦୁଲ୍ଲା ଅଲ୍ ଖଲିଫା କହିଛନ୍ତି ଯେ ବାହାରିନ୍‌ର ବାୟୁ ପ୍ରତିରକ୍ଷା ୭୦ଟି ଇରାନୀୟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ୫୯ଟି ଡ୍ରୋନ୍‌କୁ ଅଟକାଇଥିଲା ।

## ମେଲାନିଆ ଟ୍ରମ୍ପ-ୟୁଏନ୍‌ଏସ୍‌ସି

ଆମେରିକାର ପ୍ରଥମ ମହିଳା ମେଲାନିଆ ଟ୍ରମ୍ପ ଆଜି ନିଉୟର୍କରେ 'ଶିଶୁ ଏବଂ ସଂଘର୍ଷରେ ଶିକ୍ଷା' ଶୀର୍ଷକ ପ୍ରସଙ୍ଗ ଉପରେ ମିଳିତ ଜାତିସଂଘ ସୁରକ୍ଷା ପରିଷଦ ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ପ୍ରଥମଥର ପାଇଁ କୌଣସି ବିଶ୍ୱନେତାଙ୍କ ପତ୍ନୀ ୧୫ ସଦସ୍ୟ ବିଶିଷ୍ଟ ୟୁଏନ୍‌ଏସ୍‌ସି ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ବୈଠକ ସଂପର୍କରେ ହ୍ୱାଇଟ୍ ହାଉସ୍ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ୟୁଏନ୍‌ଏସ୍‌ସି ସଦସ୍ୟମାନଙ୍କୁ ମେଲାନିଆଙ୍କ ନିର୍ଣ୍ଣାୟକ ବାର୍ତ୍ତା ହେଉଛି– "ଶାନ୍ତି ଭଙ୍ଗୁର ହେବାର ଆବଶ୍ୟକତା ନାହିଁ ।"

ଜାତିସଂଘ ସୁରକ୍ଷା ପରିଷଦ ବୈଠକକୁ ସମ୍ବୋଧିତ କରି ମେଲାନିଆ ଟ୍ରମ୍ପ କହିଛନ୍ତି ଯେ ସମସ୍ତ ସମାଜ ମଧ୍ୟରେ ଜ୍ଞାନ ଏବଂ ବୁଝାମଣାକୁ ସଂପୂର୍ଣ୍ଣ ମୂଲ୍ୟ ଦିଆଯିବା ଦ୍ୱାରା ସ୍ଥାୟୀ ଶାନ୍ତି ହାସଲ କରିହେବ । ଏକ ରାଷ୍ଟ୍ରର ନେତାମାନଙ୍କ ଦ୍ୱାରା ଶିକ୍ଷା ଉପରେ ରଖାଯାଇଥିବା ମୂଲ୍ୟ ସେମାନଙ୍କ ଦେଶର ବିଶ୍ୱାସ ବ୍ୟବସ୍ଥା ର ମୂଳକୁ ରୂପ ଦେଇଥାଏ ବୋଲି ମେଲାନିଆ ମତବ୍ୟକ୍ତ କରିଛନ୍ତି ।

## ସେଣ୍ଟର ସିଏଏ କମିଟି

ନାଗରିକତା ସଂଶୋଧନ ଆଇନ-ସିଏଏ ଅଧୀନରେ ଭାରତୀୟ ନାଗରିକତ୍ୱ ଆବେଦନ ଉପରେ ନିଷ୍ପତ୍ତି ନେବାକୁ କେନ୍ଦ୍ର ସରକାର ପଶ୍ଚିମବଙ୍ଗରେ ଆଉ ୨ଟି କ୍ଷମତାପ୍ରାପ୍ତ କମିଟି ଗଠନ କରିଛନ୍ତି । ଏକ ଗେଜେଟ୍ ବିଜ୍ଞପ୍ତିରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି ଯେ କ୍ଷମତାପ୍ରାପ୍ତ କମିଟିରେ ଭାରତ ସରକାରଙ୍କ ଡେପୁଟି ସେକ୍ରେଟାରୀ ପାହ୍ୟାର ଜଣେ ଅଧିକାରୀ ନେତୃତ୍ୱ ନେବେ । ଭାରତର ରେଜିଷ୍ଟ୍ରାର୍ ଜେନେରାଲ୍ ଏବଂ ସେନ୍‌ସସ୍ କମିଶନରଙ୍କ ଦ୍ୱାରା ତାଙ୍କୁ ମନୋନୀତ କରାଯିବ । ନାଗରିକତ୍ୱ ପାଇଁ ହୋଇଥିବା ବହୁସଂଖ୍ୟକ ଆବେଦନର ପ୍ରକ୍ରିୟାକରଣକୁ ତ୍ୱରାନ୍ୱିତ କରିବା ପାଇଁ ଦୁଇଟି ଅତିରିକ୍ତ ପ୍ୟାନେଲ ଗଠନ କରାଯିବାକୁ ନିଷପ୍ତି ନିଆଯାଇଛି । ପଶ୍ଚିମବଙ୍ଗରେ ପୂର୍ବରୁ ଏଭଳି ଦୁଇଟି କମିଟି ରହିଛି ।

ନିଜ ଦେଶର ଧାର୍ମିକ ନିର୍ଯାତନାକୁ ଭୟ କରି ୨୦୧୪ ଡିସେମ୍ବର ୩୧ ତାରିଖ ପୂର୍ବରୁ ଭାରତକୁ ପାକିସ୍ତାନ, ଆଫଗାନିସ୍ତାନ ଏବଂ ବାଂଲାଦେଶରୁ ଆସିଥିବା ହିନ୍ଦୁ, ଶିଖ, ଖ୍ରୀଷ୍ଟିୟାନ୍, ବୌଦ୍ଧ, ଜୈନ ଏବଂ ପାର୍ସି ସଂଖ୍ୟାଲଘୁ ଧର୍ମାବଲମ୍ବୀମାନଙ୍କୁ ଭାରତର ନାଗରିକତ୍ୱ ପ୍ରଦାନ କରାଯିବାକୁ ସିଏଏ ରେ ବ୍ୟବସ୍ଥା ରହିଛି ।

---

## ଫ୍ଲାଇଟ କ୍ୟାନ୍‌ସେଲ୍

ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ସ୍ଥିତି ଯୋଗୁଁ କ୍ରମାଗତ ଚତୁର୍ଥଦିନ ପାଇଁ ଦୁବାଇ ଏବଂ ମଧ୍ୟପ୍ରାଚ୍ୟ ଦେଶକୁ ୩୧ଟି ବିମାନ ବାତିଲ କରାଯାଇଛି । ତେବେ ଚେନ୍ନାଇର ସିଙ୍ଗାପୁର, ମାଲେସିଆ, ଶ୍ରୀଲଙ୍କା, ଲଣ୍ଡନ, ଥାଇଲ୍ୟାଣ୍ଡ, ଜର୍ମାନୀ, ହଂକଂ ଏବଂ ମରିସସ୍‌କୁ ବିମାନସେବା ବାଧାପ୍ରାପ୍ତ ହୋଇନାହିଁ । ଦୁବାଇରୁ ଏମିରେଟ୍‌ସ୍‌ର ଗୋଟିଏ ବିମାନ ଆଜି

ସକାଳେ ୨୧୭ ଜଣ ଯାତ୍ରୀଙ୍କୁ ନେଇ ଚେନ୍ନାଇରେ ପହଞ୍ଚିଥିଲା ।ଦୁବାଇ ବିମାନ ବନ୍ଦର ବନ୍ଦ ଥିବାରୁ  ସେହି ବିମାନଟି କ୍ରିଉ ସମେତ ୬୦ଜଣ ଯାତ୍ରୀଙ୍କୁ ନେଇ ଚେନ୍ନାଇକୁ ଫେରିଆସିଥିଲା ।

ପଶ୍ଚିମ ଏସିଆରେ ଚାଲିଥିବା ପରିସ୍ଥିତି ମଧ୍ୟରେ ଆଜି ଏୟାର ଇଣ୍ଡିଆର ପ୍ରଥମ ବିମାନ ଦୁବାଇରୁ ନୂଆଦିଲ୍ଲୀରେ ପହଞ୍ଚିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏୟାର ଇଣ୍ଡିଆ କହିଛି ଯେ ୮ ଜଣ କ୍ରିଉ ସଦସ୍ୟ ଏବଂ ୧୪୯ ଜଣ ଯାତ୍ରୀଙ୍କୁ ନେଇ ଏହି ବିମାନଟି ନୂଆଦିଲ୍ଲୀ ଫେରିଛି । ଯାତ୍ରୀଙ୍କ ପ୍ରତ୍ୟାବର୍ତ୍ତନରେ ସହଯୋଗ ପାଇଁ ଏୟାରଇଣ୍ଡିଆ କେନ୍ଦ୍ରସରକାର, ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ-ଡିଜିସିଏ ଏବଂ ଦୁବାଇର ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛି ।

## ଆଫଗାନ-ପାକ୍ କନ୍‌ଫ୍ଲିକ୍ଟ

ଡୁରାଣ୍ଡ ନିୟନ୍ତ୍ରଣରେଖାରେ ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ଲାଗିରହିଥିବା କ୍ରମାଗତ ସଂଘର୍ଷର ଆଜି ପଞ୍ଚମ ଦିନରେ ଆଫଗାନିସ୍ତାନ ସେନା ସୀମାରେ ଥିବା ପ୍ରମୁଖ ପାକିସ୍ତାନୀ ସାମରିକ ଶିବିର ଗୁଡ଼ିକୁ ଦଖଲ କରିଛନ୍ତି । ଆଫଗାନିସ୍ତାନର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଆଫଗାନିସ୍ତାନ ଅଞ୍ଚଳ ଭିତରେ ପାକିସ୍ତାନ ବାୟୁସେନା ଦ୍ୱାରା ନିକଟରେ ହୋଇଥିବା ଏୟାର ଷ୍ଟ୍ରାଇକ୍ ପରେ ପାକିସ୍ତାନୀ ସେନା ବେସ୍ ଉପରେ ପ୍ରତିଶୋଧମୂଳକ ପଦକ୍ଷେପ ନିଆଯାଇଛି । ଆଫଗାନିସ୍ତାନ ଅଧିକାରୀମାନେ ଦାବି କରିଛନ୍ତି ଯେ କାନ୍ଦାହାର ପ୍ରଦେଶରେ ଏକାଧିକ ପାକିସ୍ତାନୀ ସେନା ଶିବିର ଦଖଲ କରାଯାଇଥିଲା, ଯେଉଁଥିରେ ସ୍ପିନ୍ ବୋଲ୍‌ଡାକ୍ ଜିଲ୍ଲାରେ ୩ଟି ଏବଂ ଅଲିଶେର୍ ଜିଲ୍ଲାରେ ୨ଟି ପୋଷ୍ଟ ରହିଛି । ଗତମାସ ୨୧ ଏବଂ ୨୨ ତାରିଖରେ ପାକିସ୍ତାନ ପକ୍ଷରୁ ଡୁରାଣ୍ଡ

ନିୟନ୍ତ୍ରଣରେଖାରେ ଏୟାରଷ୍ଟ୍ରାଇକ୍ ପରଠାରୁ ଉଭୟ ଦେଶ ମଧ୍ୟରେ ଶତ୍ରୁତା ତୀବ୍ର ହୋଇଛି । ଉଭୟପକ୍ଷ ପରସ୍ପରକୁ ଆକ୍ରମଣାତ୍ମକ ଅଭିଯୋଗ କରୁଥିବା ବେଳେ ସୀମାପାର ସାମରିକ କାର୍ଯ୍ୟକଳାପ ଜାରି ରଖିଛନ୍ତି ।

## ଭିପି ଓ୍ୱାଇଲ୍ଡ ଲାଇଫ୍

ଆଜି ବିଶ୍ୱ ବନ୍ୟଜନ୍ତୁ ଦିବସ ପାଳନ କରାଯାଉଛି । ଏହି ଅବସରରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ କହିଛନ୍ତି ଯେ, ଏହି ଦିନ ବନ୍ୟଜନ୍ତୁ ଏବଂ ଉଦ୍ଭିଦର ଅସାଧାରଣ ବିବିଧତାକୁ ପାଳନ କରିବା ପାଇଁ ଏକ ସ୍ମାରକୀ ଭାବେ କାର୍ଯ୍ୟ କରେ । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରାଧାକ୍ରିଷ୍ଣନ ଉଲ୍ଲେଖ କରିଛନ୍ତି ଯେ, ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ବିଶ୍ୱରେ ଅଗ୍ରଣୀ  ଭୂମିକା ନେଇଥିବାରୁ ଭାରତ ଅତ୍ୟନ୍ତ ଗର୍ବିତ । ବିଶ୍ୱର ସର୍ବାଧିକ ସଂଖ୍ୟକ ବାଘ ଏବଂ ଏକସିଙ୍ଗା ଗଣ୍ଡା ଭାରତରେ ବାସ କରନ୍ତି । ଏସୀୟ ହାତୀର ଏକ ଗୁରୁତ୍ୱପୂର୍ଣ୍ଣ ସଂଖ୍ୟା ଏବଂ ଜଙ୍ଗଲରେ ଥିବା ବିଶାଳ ସିଂହର ଏକମାତ୍ର ପ୍ରାକୃତିକ ବାସସ୍ଥାନ ଭାରତରେ ରହିଛି । ଏହି ସମୃଦ୍ଧ ଜୀବଜନ୍ତୁଙ୍କୁ ପ୍ରଶଂସା କରି ଉପରାଷ୍ଟ୍ରପତି କହିଥିଲେ ଯେ, ୧୭ ହଜାରରୁ ଅଧିକ ପ୍ରଜାତିର ପୁଷ୍ପଳ ଉଦ୍ଭିଦ, ପଶ୍ଚିମଘାଟ ଏବଂ ପୂର୍ବ ହିମାଳୟର ବିବିଧ ଜଙ୍ଗଲ ଇକୋ ସିଷ୍ଟମ୍ ଏବଂ ଦେଶର ପରିବେଶଗତ ସ୍ଥିତି ସ୍ଥାପକତାକୁ ମଜବୁତ କରୁଥିବା  ବିସ୍ତୃତ ହେନ୍ତାଳବଣକୁ ନେଇ ଭାରତ ଗର୍ବ ଅନୁଭବ କରେ । କେବଳ ଭାରତର ସମୃଦ୍ଧ ଜୈବ ବିବିଧତାର ସଂରକ୍ଷଣ ନୁହେଁ, ବରଂ ଗୁରୁତ୍ୱପୂର୍ଣ୍ଣ ପ୍ରଜାତି ଏବଂ ଇକୋ ସିଷ୍ଟମର ପୁନରୁଦ୍ଧାର ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇବା ପାଇଁ ଉପରାଷ୍ଟ୍ରପତି ନାଗରିକମାନଙ୍କୁ ଅନୁରୋଧ କରିଛନ୍ତି । ଭବିଷ୍ୟତ ପିଢ଼ି ପାଇଁ ଦେଶର

ପ୍ରାକୃତି ଐତିହ୍ୟକୁ ସୁରକ୍ଷିତ ରଖିବା ସକାଶେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ଉଦ୍ୟମକୁ ଶ୍ରୀ ରାଧାକ୍ରିଷ୍ଣନ ପ୍ରଶଂସା କରିଛନ୍ତି ।

---